# ବିଜ୍ଞାପିତ ଅଞ୍ଚଳ ପରିଷଦ,ଜୁନାଗଡ, କଳାହାଣ୍ଡି ।

## ଦୋକାନ ଗୃହ ନିଲାମ ନିମନ୍ତେ ବିଜ୍ଞାପନ

ପତ୍ର ସଂଖ୍ୟା- 2772 ତାରିଖ 14/12/2022

ଏତଦ୍ଵାରା ଜୁନାଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ ର ସର୍ବସାଧାରଣଙ୍କ ଅବଗତ ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଜୁନାଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ନିକଟସ୍ଥ ନୂତନ ନିର୍ମିତ ପ୍ରଥମ ମହଲାର 6 ( ଛଅ ଗୋଟି ) ଦୋକାନ ଗୃହ ଗୁଡିକର ନିଲାମ ଟେଣ୍ଡର ମାଧ୍ୟମ ରେ ଓ ନିର୍ଦ୍ଧାରିତ ସର୍ତ୍ତ ଅନୁସାରେ ଭଡା ସୂତ୍ରରେ ଦେବା ପାଇଁ ପରିଷଦ ଦ୍ଵାରା ସ୍ଥିର କରାଯାଇଅଛି । ଯେଉଁ ବ୍ୟକ୍ତି ବିଶେଷ ଉକ୍ତ ଦୋକାନ ଗୁଡିକୁ ଭଡା ସୂତ୍ରରେ ନେବା ପାଇଁ ଇଚ୍ଛୁକ ଅଟନ୍ତି ସେମାନେ ଉଦ୍ଦିଷ୍ଟ ଦରଖାସ୍ତ ଫର୍ମ ପରିଷଦ କାର୍ଯ୍ୟାଳୟ ରୁ ଟ.1000/- (ଏକ ହଜାର ଟଙ୍କା ) ମାତ୍ରରେ କ୍ରୟକରି (ଯାହା ଅଣଫେରସ୍ତ ଅଟେ ) ସମ୍ପୂର୍ଣ୍ଣ ଭାବେପୂରଣ କରି କରି ବନ୍ଦ ଲଫାପା ରେ ଦରଖାସ୍ତ କରି ପାରିବେ। ଉକ୍ତ ଦରଖାସ୍ତ ସହିତ ଟ.10,000/-(ଦଶ ହଜାର ଟଙ୍କା ) ମାତ୍ର ର ଅମାନତା ନଗଦ ଆକାରରେ କାର୍ଯ୍ୟଳୟ ରେ ଜମାକରୀ ତା' ର ରସିଦ କିମ୍ବା ଉକ୍ତ ସମାନ ରାଶିର ବ୍ୟାଙ୍କ ଡ୍ରାଫ୍ଟ ନିର୍ବାହୀ ଅଧିକାରୀ, ଜୁନାଗଡ ଏନ.ଏ .ସି . ଙ୍କ ଠିକଣା ରେ ପ୍ରସ୍ତୁତ କରି ଦରଖାସ୍ତ ସହିତ ନଥିଭୁକ୍ତ କରିବା ଆବଶ୍ୟକ ଅଟେ । ଅମାନତ ନଥିବା ଦରଖାସ୍ତକୁ ଗ୍ରହଣ କରାଯିବ ନାହିଁ । ସର୍ବୋଚ୍ଚ ନିଲାମ ଡ଼ାକିଥିବା ବ୍ୟକ୍ତିଙ୍କୁ ଅଗ୍ରାଧିକାର ଭିତ୍ତିରେ ଦୋକାନ ଗୃହ ଭଡା ସୂତ୍ରରେ ଦିଆଯିବ । ଉକ୍ତ ଦୋକାନର ନିଲାମ ପରିମାଣ ଦରଖାସ୍ତ ଫର୍ମ ରେ ଉଦ୍ଦିଷ୍ଟ ସ୍ଥାନରେ ପରିଷ୍କାର ଭାବରେ ଅଙ୍କରେ ଓ ଅକ୍ଷରରେ ଲେଖାହୋଇଥିବା ଆବଶ୍ୟକ । ଉକ୍ତ ନିଲାମ ରାଶିର ପରିମାଣ କଟାହୋଇ ଥିଲେ କିମ୍ବା ପୁନାର ବୃତ୍ତି ହୋଇଥିଲେ ଓ ଲେଖା ଉପରେ ଲେଖା ହୋଇଥିଲେ ଏବଂ ଉକ୍ତ ସ୍ଥାନରେ ଦରଖାସ୍ତ କାରୀଙ୍କ ଦସ୍ତଖତ ହୋଇନ ଥିଲେ ତାହା ଗ୍ରହଣ କରାଯିବ ନାହିଁ । ଉକ୍ତ ଦରଖାସ୍ତ ଫର୍ମ ଲଫାପା ନିର୍ବାହୀ ଅଧିକାରୀ, ଜୁନାଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ ଙ୍କ ଠିକଣା ରେ ସ୍ଵୀଡ଼ //ରେଜିଷ୍ଟ୍ରେଡ଼ ପୋଷ୍ଟ // କୋରିଅର ସର୍ଭିସ ତା.07.01.2023ରିଖ ଅପରାହ୍ନ 3.00ଘଣ୍ଟା ପର୍ଯ୍ୟନ୍ତ ସେହିଦିନ ଯଥା ତା.07.01.2023ରିଖ ଅପରାହ୍ନ 4.00 ଘଣ୍ଟା ସମୟରେ ଦରଖାସ୍ତ କାରୀଙ୍କ ଉପସ୍ଥିତି ରେ କିମ୍ବା ତାଙ୍କ ପ୍ରତିନିଧି ଙ୍କଉପସ୍ଥିତି ରେ ନିର୍ବାହୀ ଅଧିକାରୀ ଙ୍କ କାର୍ଯ୍ୟାଳୟ ରେ ଖୋଲାଯିବ ।ଉପରୋକ୍ତ ଉଦ୍ଦିଷ୍ଟ ତାରିଖ ଓ ସମୟ ପରେ ହସ୍ତଗତ ହୋଇଥିବା ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ଡାକ ଯୋଗେ କିମ୍ବା ଅନ୍ୟ କାରଣରୁ ବିଳମ୍ବ ହେଲେ ପରିଷଦ କର୍ତ୍ତୃପକ୍ଷ ଦାୟୀ ହେବେ ନାହିଁ । ଯେଉଁ ଦରଖାସ୍ତ କାରୀଙ୍କ ବିରୁଦ୍ଧରେ ପରିଷଦର କୌଣସି ଦେୟ କିମ୍ବା ଟିକସ ବାକି ଥିଲେ କିମ୍ବା କୌଣସି ଅପରାଧିକ ଫୌଜଦାରୀ ମାମଲା ଥିଲେ ସେମାନେ ଏହି ନିଲାମ ପ୍ରକ୍ରିୟା ରେ ଅଂଶଗ୍ରହଣ କରିପାରିବେ ନାହିଁ । ଯେଉଁ ବ୍ୟକ୍ତିଙ୍କର ନିଲାମ ପରିମାଣ ସର୍ବୋଚ୍ଚ ହୋଇଥିବ, ସେହି ବ୍ୟକ୍ତିଙ୍କର ନିଲାମ ଗ୍ରହଣ କରାଯିବ ଓ ନିଲାମ ପରିମାଣର 50. % ପ୍ରତିଶତ ନିଲାମ ଦେୟ ସେହିଦିନ ହିଁ ପରିଷଦ କାର୍ଯ୍ୟାଳୟରେ ନାଗଦ ଆକାରରେ କିମ୍ବା ବ୍ୟାଙ୍କ ଡ୍ରାଫ୍ଟ ଜରିଆରେ ଜମାକରିବାକୁ ପଡିବ ଓ ଅବଶିଷ୍ଟ 50. % ପ୍ରତିଶତ ନିଲାମ ଦେୟ 7 (ସାତ ) ଦିନ ମଧ୍ୟରେ ଜମାକାରି ଟ. 25.00 ଙ୍କାର ଅଣ ଜୁଡ଼ିସିଆଲ ଷ୍ଟାମ୍ପ ପେପର ରେ ଏଗ୍ରିମେଣ୍ଟ କିମ୍ବା ରାଜିନାମା ନିର୍ବାହୀ ଅଧିକାରୀ, ଜୁନାଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ ଙ୍କ ସହିତ ସମ୍ପାଦନା କରିବାକୁ ହେବ । ଅସଫଳ ନିଲାମ ଡ଼ାକିଥିବା ବ୍ୟକ୍ତିଙ୍କର ଅମାନତ ଟଙ୍କା 7(ସାତ ) ଦିନମଧ ରେ ବିନା ସୁଧ ରେ ଫେରସ୍ତ ଦିଆଯିବ । ଯେଉଁ ବ୍ୟକ୍ତିଙ୍କର ନିଲାମ ଗ୍ରହଣ ହୋଇଥିବା ଓ ସେହିଦିନ ନିଲାମ ପରିମାଣର 50. % ପ୍ରତିଶତ ନିଲାମ ଦେୟ ଜମାକରିନପାରିଲେ ତାଙ୍କର ନିଲାମ ନାକଚ ବା ଖାରଜ କରାଯିବ ଓ ତାଙ୍କର ଅମାନତା ଟଙ୍କା (ଟ.10.000.00 ଙ୍କା ) ବାଜ୍ୟାପ୍ତ କରାଯିବ ଓ ପରବର୍ତ୍ତୀ ବ୍ୟକ୍ତି ଙ୍କୁ ସୁଯୋଗ ଦିଆଯିବ .। ନିମ୍ନ ସ୍ଵାକ୍ଷର କରି ଯେ କୌଣସି କିମ୍ବା ସମସ୍ତ ନିଲାମ କୌଣସି କାରଣ ନ ଦର୍ଶାଇ ଆବଶ୍ୟକ ସ୍ଥଳେ ରଦ୍ଦ କରିପାରିବେ । ନିଲାମ କାଗଜାତ ଗ୍ରହଣ ର ଶେଷ ତାରିଖ ଓ ସମୟ :ତା : 07.01.2023 ଅପରାହ୍ନ 3.00 ଘଣ୍ଟା ନିଲାମ କାଗଜାତ ଖୋଲାଯିବାର ର ଶେଷ ତାରିଖ ଓ ସମୟ :ତା:07.01.2023 ଅପରାହ୍ନ 4.00 ଘଣ୍ଟା.

ପୃଷ୍ଠା ନଂ -2 ଦେଖନ୍ତୁ

Scanned with OKEN Scanner

| କ୍ର.ନ. | ଦୋକାନ ଗୃହ ଦୈର୍ଘ୍ୟ ଓ ପ୍ରସ୍ଥ | ଦୋକାନ ଗୃହର ନମ୍ବର | ସର୍ବ ନିମ୍ନ ନିଲାମ ରାଶି | ଦୋକାନ ଗୃହ ମାସିକ ଭଡା | ମନ୍ତବ୍ୟ |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | 11'00" ଫୁଟ x 5' . 6" ଫୁଟ | 90 | 1,20.000/- | 1000 | |
| 2 | 11'00" ଫୁଟ x 10' . 6" ଫୁଟ | 91 | 2,20.000/- | 1600 | |
| 3 | 11'00" ଫୁଟ x 10 .00" ଫୁଟ | 92 | 2,20.000/- | 1600 | |
| 4 | 11'00" ଫୁଟ x 10' .10" ଫୁଟ | 93 | 2,20.000/- | 1600 | |
| 5 | 11'00" ଫୁଟ x 12' . 6" ଫୁଟ | 94 | 2,74.000/- | 2000 | |
| 6 | 11'00" ଫୁଟ x 9' .8" ଫୁଟ | 95 | 2, 12.000/- | 1600 | |

ନିର୍ବାହୀ ଅଧିକାରୀ ,
ଜୁନାଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ|

ପରି ପତ୍ର ସଂଖ୍ୟା 2778 / ତାରିଖ 14/12/22 //-2022.

ଏହାର ଏକକିତା ନକଲ ଜୁନାଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ର ସୂଚନା ଫଳକରେ ସର୍ବସାଧାରଣ ଙ୍କ ଅବଗତ ନିମନ୍ତେ ଝୁଲାଇ ଦିଆଗଲା

ନିର୍ବାହୀ ଅଧିକାରୀ ,
ଜୁନାଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ|

ପରି ପତ୍ର ସଂଖ୍ୟା 2779 / ତାରିଖ 14/12/22 //-2022.

. ଏହାର ଏକକିତା ନକଲ ଜୁନାଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ର ସମସ୍ତ ୱାର୍ଡ କାର୍ଯ୍ୟାଳୟ ର ସୂଚନା ଫଳକରେ ସର୍ବସାଧାରଣ ଙ୍କ ଅବଗତ ନିମନ୍ତେ ଝୁଲାଇ ଦିଆଗଲା

ନିର୍ବାହୀ ଅଧିକାରୀ ,
ଜୁନାଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ|

ପରିପତ୍ର ସଂଖ୍ୟା 2780(4) / ତାରିଖ 14/12/22 //-2022.

ଏହାର ଏକକିତା ନକଲ ବିଜାସିକ ଉନ୍ନୟନ ଅଧିକାରୀ, \\ ତହସିଲଦାର, ଜୁନାଗଡ // ,ସହନିର୍ବାହୀ ଯନ୍ତ୍ରୀପୂର୍ତ୍ତ -,ବିଭାଗ, ଜୁନାଗଡ\\ ସହ ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଉନ୍ନୟ ଉପ-ବିଭାଗ, ଜୁନାଗଡ ଙ୍କ ଅବଗତ ତଥା ତାଙ୍କ କାର୍ଯ୍ୟାଳୟର ସୂଚନା ଫଳକ ମାନଙ୍କରେ ରେ ସର୍ବ ସାଧାରଣ ଙ୍କ ଅବଗତ ନିମନ୍ତେ ଝୁଲାଇବା ନିମନ୍ତେ ଅନୁରୋଧ କରାଗଲା |

ନିର୍ବାହୀ ଅଧିକାରୀ ,
ଜୁନାଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ|

Scanned with OKEN Scanner